ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୭ ଅଗଷ୍ଟ ୨୦୨୩



## ସଂକ୍ଷେପରେ

### ଜମିରୁ ବୃଦ୍ଧଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ଭୁବନ, ୧୬।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ପଳାସପିଠିଆ ଚମ୍ପାନାଳିଆ ଗ୍ରାମର ଚିଲୁଆ ବେହେରା (୬୫)ଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ବୁଧବାର ଅପରାହ୍ନରେ ବିଲରୁ ଜବତ କରାଯାଇଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପୁଅ ଚନ୍ଦ୍ରମଣି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚିଲୁଆଙ୍କ ସହ ଅନ୍ୟ ୩ଜଣ ବିଲକୁ କାମ କରିବାକୁ ଯାଇଥିଲେ। ଅପରାହ୍ନ ୧ଟାରେ ତାଙ୍କ ମୃତଦେହ ବିଲରେ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ସହ ଯାଇଥିବା ଲକ୍ଷଣ ବେଜ, ନଣ୍ଡା ବିନ୍ଧାଣୀ, ବିନା ବେହେରା ଘଟଣାସ୍ଥଳରେ ନ ଥିଲେ। ଏହାକୁ ନେଇ ସନ୍ଦେହ ଉପୁଜିବାରୁ ଚନ୍ଦ୍ରମଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ବାପାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

### ମନ୍ତ୍ରୀଙ୍କୁ ଦାବିପତ୍ର

ଢେଙ୍କାନାଳ, ୧୬।୮ (ରତନ ନାୟାର)

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ଢେଙ୍କାନାଳ ଶାଖା ପକ୍ଷରୁ ମଙ୍ଗଳବାର ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦୀର୍ଘ ୨୦ବର୍ଷ ହେବ କାମ କରି ଆସୁଥିଲେ ମଧ ସଂଘର ଦାବି ପୂରଣ କରାଯାଉନାହିଁ। ନିର୍ବାଚନ ପୂର୍ବରୁ ୧୦,୦୦୦ କର୍ମଚାରୀଙ୍କୁ ନିୟମିତ କରି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପୂରଣ କରିବାକୁ ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଭାପତି ଦେବାଶିଷ ମାନସିଂ, ସମ୍ପାଦକ ସନ୍ତୋଷ କୁମାର ମାନସିଂ, କୋଷାଧ୍ୟକ୍ଷ ଅଶ୍ୱିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତିରାଜ ହାଇସ୍କୁଲ ଜିଲାରେ ଶ୍ରେଷ୍ଠ

କାମାକ୍ଷାନଗର, ୧୬।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ପୁରସ୍କୃତ ହୋଇଛି କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ।



କ୍ରୀଡ଼ା, ଶିକ୍ଷା, ଆନୁଷଙ୍ଗିକ ଶିକ୍ଷା ଏବଂ ବିଭିନ୍ନ କ୍ଷେତ୍ରରେ ସାମଗ୍ରିକ ବିକାଶ ପାଇଁ ବିଦ୍ୟାଳୟକୁ ଶ୍ରେଷ୍ଠ ସ୍ଥାନ ମିଳିଛି। ଢେଙ୍କାନାଳରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟ ଅତିଥି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଯୋଗଦେଇ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କୁ ଏ ସମ୍ପର୍କିତ ଟ୍ରଫି ପ୍ରଦାନ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ ଓ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ପଞ୍ଚାୟତିରାଜ ହାଇସ୍କୁଲକୁ ଲଗାତର ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ମିଳିଛି। ଏଭଳି ସଫଳତାରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ସହକାରୀ ଜିଲାପାଳ ମଦନମୋହନ ଜେନା, ଦୀପକ ମିଶ୍ର, ବିଡିଓ ବିକାଶ ମହାନ୍ତିଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ପ୍ରଧାନ ଶିକ୍ଷକ, ପରିଚାଳନା କମିଟି, ଅଭିଭାବକ, ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଟୋଲ୍‌ଗେଟ୍ କର୍ମଚାରୀଙ୍କ ଦାଦାଗିରି

ଢେଙ୍କାନାଳ, ୧୬।୮ (ରତନ ନାୟାର)

- ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର
- ଜବରଦସ୍ତି ଫି’ ଆଦାୟ
- ଥାନାରେ ମାମଲା, ୨ ଅଟକ

ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସକୁ ଆସୁଥିବା ପର୍ଯ୍ୟଟକଙ୍କୁ ଟୋଲ୍‌ଗେଟ୍ କର୍ମଚାରୀ ନାଲିଆଖି ଦେଖାଉଛନ୍ତି। ଦାଦାଗିରି କରି ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଫି’ ଆଦାୟ କରୁଛନ୍ତି। ପ୍ରତିବାଦ କଲେ ଆକ୍ରମଣ କରିବାକୁ ପଛାଉନାହାନ୍ତି। ମଙ୍ଗଳବାର ସ୍ୱାଧୀନତା ଦିବସରେ ଏଭଳି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟୋଲ୍ ଗେଟ୍ କର୍ମଚାରୀଙ୍କ ନାମରେ ଗଁଦିଆ ଥାନାରେ ମାମଲା (ନଂ.୨୩୯/୨୩) ରୁଜୁ ହୋଇଛି। ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି।

ଘଟଣାରୁ ଜଣାପଡ଼ିଛି, ସ୍ୱାଧୀନତା ଦିବସରେ ଛୁଟି ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ କପିଳାସ ଆସିଥିଲେ। ତେବେ ଦେବୋତ୍ତର ବିଭାଗ ପକ୍ଷରୁ ନିଲାମ ଦିଆଯାଇଥିବା ଟୋଲ୍‌ଗେଟ୍‌ରେ ଯାତ୍ରୀଙ୍କଠାରୁ ମନଇଚ୍ଛା ଫି’ ଆଦାୟ କରାଯାଇଥିଲା। ଟୋଲ୍‌ଗେଟ୍‌ରେ କେବଳ କପିଳାସ ଯାଉଥିବା ଶ୍ରଦ୍ଧାଳୁଙ୍କଠାରୁ ଫି’ ଆଦାୟ କରିବାର ନିୟମ ରହିଛି। ତେବେ କପିଳାସ ପ୍ରାଣୀ ଉଦ୍ୟାନ ଏବଂ ସାଇନ୍ସ ପାର୍କ ବୁଲି ଯିବାକୁ ଇଚ୍ଛୁକ ଥିବା ପର୍ଯ୍ୟଟକଙ୍କୁ କପିଳାସ ପୀଠ ନିମନ୍ତେ ଉଦ୍ଦିଷ୍ଟ ରସିଦ ଦେଇ ଟଙ୍କା ଆଦାୟ କରାଯାଇଥିଲା। ଦେବୋତ୍ତର ବିଭାଗ ଲେଖାଥିବା ରସିଦରେ ଗାଡ଼ି ରେଜିଷ୍ଟ୍ରେଶନ କୋଡ୍ ବଦଳରେ କେବଳ ସଂଖ୍ୟା ଲେଖାଯାଉଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏଭଳି ଶୋଷଣର ଶିକାର ହୋଇଥିବା ଢେଙ୍କାନାଳ ଏବଂ ବାଲେଶ୍ୱରର ବହୁ ପର୍ଯ୍ୟଟକ ବୁଧବାର ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପ୍ରମାଣ ସ୍ୱରୂପ ବେଆଇନ ଭାବେ କଟାଯାଇଥିବା ରସିଦ୍ ମଧ ଦେଖାଇଥିଲେ। ଟୋଲ କର୍ମଚାରୀ ଧମକାଇ ଟଙ୍କା ଆଦାୟ କରିଛନ୍ତି। ଏପରି କି ଟଙ୍କା ଆଦାୟ ନ କଲେ ଦେବୋତ୍ତର ବିଭାଗ, ପ୍ରଶାସନ ଓ ପୋଲିସଙ୍କୁ ବଟି କିପରି ଦିଆଯିବ ବୋଲି ସେମାନେ ଚଢ଼ା ଗଳାରେ କହିଥିବା ଅଭିଯୋଗରେ ଦର୍ଶାଯାଇଛି।



ଘଟଣା ଜାଣିବା ପରେ ଜିଲାପାଳ ଦେବୋତ୍ତର ବିଭାଗ ଉପରେ ଖପ୍ପା ହୋଇଛନ୍ତି। ଏଭଳି କାର୍ଯ୍ୟରେ ସମ୍ପୃକ୍ତ ଟୋଲ୍ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏସ୍‌ପି ମଧ ତୁରନ୍ତ ମାମଲା ରୁଜୁ କରିବା ପାଇଁ ଗଁଦିଆ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିପୂର୍ବରୁ ଗଁଦିଆ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଏସ୍‌ପି କହିଛନ୍ତି। କପିଳାସ ଟୋଲଗେଟ୍ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ପ୍ରଶ୍ନ ଉଠାଇଲେ ପୂର୍ବତନ ବିଧାୟକ

କପିଳାସ ଟୋଲ୍‌ଗେଟରେ ବର୍ଷ ବର୍ଷ ଧରି ବେଆଇନ ଭାବେ ଫି’ ଆଦାୟ ହେଉଛି। ପ୍ରଶାସନ, ପୋଲିସ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ତେଣୁ ଏଭଳି ବେନିୟମ ଟୋଲ ଆଦାୟ ପଛରେ କାହାର ହାତ ରହିଛି ବୋଲି ପୂର୍ବତନ ବିଧାୟକ ନବୀନ ନନ୍ଦ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, କପିଳାସ ବିଟ୍ ହାଉସରେ ରହୁଥିବା ପୋଲିସ କର୍ମଚାରୀଙ୍କ ଜ୍ଞାତସାରରେ ଏଭଳି କାର୍ଯ୍ୟ ହେଉଛି। ଦୁଇଚକିଆ ଯାନରୁ ଟୋଲ୍ ଆଦାୟ କରାଯିବା ଭାରତର ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ। ଠାକୁରଙ୍କ ଜାଗାକୁ ଜମି ମାଫିଆ କିଣାବିକା କରୁଛନ୍ତି। ଦେବୋତ୍ତର ବିଭାଗ ଅମିନ ଏହାର ହିସାବ ପାଉନାହାନ୍ତି। ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଲେ ମିଳୁନାହିଁ। କପିଳାସ ଶୈବପୀଠକୁ ଶୋଷଣକାରୀଙ୍କ କବଳରୁ ରକ୍ଷା କରିବା ପାଇଁ ପୂର୍ବତନ ବିଧାୟକ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଭିତ୍ତିଭୂମି ପରଖିଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

କାମାକ୍ଷାନଗର, ୧୬।୮ (ସୁଧୀର ପରିଡ଼ା)

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ବୁଧବାର କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ଆନୁଷଙ୍ଗିକ ଭିତ୍ତିଭୂମି ବୁଲି ଦେଖିବା ସହ ସମସ୍ୟା ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମିଶ୍ର ପ୍ରଥମେ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଗ୍ରାମାଞ୍ଚଳରେ ଚାଲିଥିବା ସାମୂହିକ ଔଷଧ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହାପରେ କାମାକ୍ଷାନଗର ଡାକ୍ତରଖାନା ବୁଲି ପରିମଳ ବ୍ୟବସ୍ଥା ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ୱାଶ ବେସିନଗୁଡ଼ିକ ପରିଷ୍କାର ନ ଥିବାରୁ ସେସବୁ ସଫାସୁତରା ରଖିବାକୁ ପରାମର୍ଶ ଦେଇଥିଲେ। ମୋ ଡାକ୍ତରଖାନା ଯୋଜନାରେ ନୂତନ କୋଠା ନିର୍ମାଣ ପାଇଁ ପୁରୁଣା ଘରଗୁଡ଼ିକୁ ଭାଙ୍ଗିଯାଉଛି। ତେବେ ଠିକାଦାର ଶ୍ରମିକଙ୍କ ନିରାପତ୍ତା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏ ନେଇ ପୂର୍ତ୍ତ ବିଭାଗର ଦୃଷ୍ଟିଆକର୍ଷଣ କରିବା ଲାଗି ସେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦିଗମ୍ବର ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ ପଦବୀ ପୂରଣ ଲାଗି ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ପ୍ରମିଳ ପ୍ରଧାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ପଦସ୍ଥ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।



କାମାକ୍ଷାନଗର ମେଡିକାଲରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନେ।

## ସହଯୋଗ ମିଳିଲେ ଭୁବନ ହେବ ଶ୍ରେଷ୍ଠ ଏନ୍‌ଏସି

ଭୁବନ, ୧୬।୮ (ବିପିନ ବିହାରୀ ସେଠୀ)

ଭୁବନ ହେଉଛି ସଂଗ୍ରାମୀଙ୍କ ମାଟି। ସର୍ବ କନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ଆତ୍ମବଳିଦାନ ଆମକୁ ବର୍ଷ ବର୍ଷ ଧରି ତ୍ୟାଗର ଶିକ୍ଷା ଦେଇ ଆସିଛି। ଦେଶ ସ୍ୱାଧୀନତାର ୭୭ତମ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ଆମକୁ ରାଗ, ରୁଷା, ଅଭିମାନ ଭୁଲି ଏକାଠି ହେବାକୁ ପଡ଼ିବ। ସହଯୋଗ ମିଳିଲେ ଭୁବନ ଶ୍ରେଷ୍ଠ ଏନ୍‌ଏସି ହୋଇପାରିବ ବୋଲି କହିଛନ୍ତି ନଗରପାଳ ଶୁଭେନ୍ଦୁ କୁମାର ସାହୁ। ଏନ୍‌ଏସି ପ୍ରଶାସନ ପକ୍ଷରୁ ନୂଆବଜାରଠାରେ ଆୟୋଜିତ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରି ନଗରପାଳ ଏଭଳି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶିକ୍ଷା, ସମାଜସେବା, ସ୍ୱାସ୍ଥ୍ୟସେବାରେ ଉତ୍କର୍ଷ ପ୍ରତିପାଦନ କରିଥିବା ଛାତ୍ରୀଛାତ୍ର ଓ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା।



ନଗରପାଳ ପତାକା ଉତ୍ତୋଳନ କରୁଛନ୍ତି।

ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ସଭାପତି, କାଉନ୍‌ସିଲର ଉପସ୍ଥିତ ଥିଲେ। ପରେ ନଗରପାଳ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

ସେହିପରି ଏନ୍‌ଏସିର ସମସ୍ତ ୱାର୍ଡ, ବ୍ଲକ, ତହସିଲ, ବନ ବିଭାଗ, ଥାନା, କୋର୍ଟ, ମୋଟର ଚାଳକ ସଂଘ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଥିଲା। ବାଜି ରାଉତ କଲେଜରେ ପତାକା ଉତ୍ତୋଳନ ବେଳେ ଅବସର ନେବାକୁ ଥିବା ବରିଷ୍ଠ ଅଧ୍ୟାପକ ହିମାଂଶୁ ଶେଖର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ‘ଭ୍ରଷ୍ଟାଚାର ବିରୋଧରେ ଲଢ଼େଇ ଚାଲିବ’

କାମାକ୍ଷାନଗର, ୧୬।୮ (ଅମ୍‌ଜାଦ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସୋଗର ଏବଂ ବାରୁଆଁ ପଞ୍ଚାୟତରେ ଭାଜପା ପକ୍ଷରୁ ଗାଦିଛାଡ଼ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରାଜ୍ୟର ବିଜେଡି ଶାସନ ସମୟରେ ଦୁର୍ନୀତି, ଭ୍ରଷ୍ଟାଚାର ସୀମା ଟପିଲାଣି। କେନ୍ଦ୍ରୀୟ ଯୋଜନାକୁ ହଡ଼ପ କରାଯାଉଛି। ଏହା ବିରୋଧରେ ଲଢ଼େଇ ଜୋର୍‌ଦାର କରିବା ଲାଗି ସଂକଳ୍ପବଦ୍ଧ ହେବାକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୋସିଆଲ ମିଡିଆ ଇନ୍‌ଚାର୍ଜ ସରୋଜକାନ୍ତ ବେହେରା, ସଞ୍ଜୟ କୁମାର ରାଉତ, ବିଜୟ ମଲ୍ଲିକ, ପ୍ରସାଦ ସେଠୀ, ପବିତ୍ର ମୋହନ ବିଶ୍ୱାଳ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଜିଲା ପାଇଁ ୧୮୭.୧୦ କୋଟି ମଞ୍ଜୁର

ଢେଙ୍କାନାଳ, ୧୬।୮ (ରତନ ନାୟାର)

- ସାପୁଆ ଡ୍ୟାମ୍ ନିମନ୍ତେ ୭.୪୪ କୋଟି
- କପିଳାସ ପୀଠକୁ ୪.୭୩ କୋଟି

ଢେଙ୍କାନାଳ ଜିଲାର ୪୩୦ଟି ଧର୍ମାନୁଷ୍ଠାନର ବିକାଶ ଏବଂ ଆମ ଓଡ଼ିଶା–ନବୀନ ଓଡ଼ିଶା ଯୋଜନାରେ ୨୯୪୦ ପ୍ରୋଜେକ୍ଟ ପାଇଁ ରାଜ୍ୟ ସରକାର ୧୮୭ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ୪୩୦ ଧର୍ମାନୁଷ୍ଠାନ ମଧ୍ୟରୁ ୩ଟି ପାଇଁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏବଂ ଅବଶିଷ୍ଟ ୪୨୭ଟି ନିମନ୍ତେ ୪ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ହିନ୍ଦୋଳ ବ୍ଲକର ସାପୁଆ ଜଳଭଣ୍ଡାର ପାଇଁ ୭ କୋଟି ୪୪ ଲକ୍ଷ, କଙ୍କଡାହାଡ଼ ବ୍ଲକ ଦଣ୍ଡାଧର ଜଳଭଣ୍ଡାର ପାଇଁ ୫ କୋଟି ୬ ଲକ୍ଷ, ପରଜଙ୍ଗ ବ୍ଲକ ଦଦରାଘାଟି ଜଳଭଣ୍ଡାର ପାଇଁ ୫ କୋଟି ୨୨ ଲକ୍ଷ, ସରାଙ୍ଗ ଅନନ୍ତଶୟନ ପାଇଁ ୩ କୋଟି ୫୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଗଁଦିଆ ବ୍ଲକ କପିଳାସ ପୀଠ ପାଇଁ ୪ କୋଟି ୭୩ ଲକ୍ଷ, ସଦର ବ୍ଲକ ସପ୍ତଶଯ୍ୟା ପର୍ଯ୍ୟଟନର ବିକାଶ ପାଇଁ ୪ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତୀକରଣ କରାଯିବ ବୋଲି ଜିଲାପାଳ ସରୋଜ ସେଠୀ ସୂଚନା ଦେଇଛନ୍ତି।



ଦଣ୍ଡାଧର ଡ୍ୟାମ।

ସେହିପରି ୩୨କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ୨୪ ଡିଗ୍ରୀ କଲେଜର ବିକାଶ ପୂର୍ତ୍ତ ବିଭାଗ ଏବଂ ୩୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ କରାଯାଉଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫–ଟି ସଚିବ ଭି.କେ. ପାଣ୍ଡିଆନ ଢେଙ୍କାନାଳ ଜିଲା ଗସ୍ତ ସମୟରେ ୨,୬୨୦ଟି ଅଭିଯୋଗ ପତ୍ର ଆସିଥିଲା। ସେଥିରୁ ଅଦ୍ୟାବଧି ୧୪୭୨ଟିର ସମାଧାନ ହୋଇଛି।

## ମିଳିତ ପରେଡ୍‌ରେ ୨୨ ଦଳ

ସାତମାଇଲ, ୧୬।୮ (ସୁଶାନ୍ତ ପତି)

ହିନ୍ଦୋଳରେ ଉପଖଣ୍ଡସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ଏହି ଜାତୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ମିଳିତ ପରେଡରେ ୨୨ ଦଳ ଭାଗ ନେଇଥିଲେ। ଏଥିପୂର୍ବରୁ ସକାଳ ସାଢ଼େ ୭ଟାରେ ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସହରର ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ପାରଦର୍ଶିତା ଅର୍ଜନ କରିଥିବା କର୍ମଚାରୀ, ସ୍ୱେଚ୍ଛାସେବୀ, ଚାଷୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଶିକ୍ଷୟିତ୍ରୀ ପୁରସ୍କୃତ ହୋଇଥିଲେ। ଏଥିସହ ଉପଜିଲାପାଳ ଉପଖଣ୍ଡ ଚିକିତ୍ସାଳୟ, ଉପକାରାଗାରରେ ଅନ୍ତେବାସୀଙ୍କୁ ଫଳ ଓ ପାଉଁରୁଟି ବାଣ୍ଟିଥିଲେ। ସେହିପରି ସାତମାଇଲସ୍ଥିତ ଜନତା କଲେଜରେ ଅଧ୍ୟକ୍ଷ ମହେଶ୍ୱର ପଟ୍ଟନାୟକ, ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜରେ ଅଧ୍ୟକ୍ଷ ଅଶୋକ ସାହୁ, ସାମ୍ବାଦିକ ଭବନଠାରେ ସଭାପତି ବିଶ୍ୱେଶ୍ୱର ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



ହିନ୍ଦୋଳ ଉପଖଣ୍ଡରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ମିଳିତ ପରେଡ୍।

## ୧୮ରେ ବ୍ଲକ ଘେରିବ କଂଗ୍ରେସ

ଢେଙ୍କାନାଳ, ୧୬।୮ (ରତନ ନାୟାର)

ରାଜ୍ୟରେ ପିସି କାରବାର, ଅହେତୁକ ଦରଦାମ ବୃଦ୍ଧି, ବେରୋଜଗାର, ଅଘୋଷିତ ବିଦ୍ୟୁତ୍ କାଟ୍, ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ, ନାରୀ ନିର୍ଯାତନା ପ୍ରତିବାଦରେ ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଆସନ୍ତା ୧୮ ତାରିଖରେ ସମସ୍ତ ବ୍ଲକ ଘେରାଉ କରାଯିବ। ସମ୍ପୃକ୍ତ ବ୍ଲକର ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ସ୍ଥାନୀୟ ଗାନ୍ଧୀ ମନ୍ଦିରସ୍ଥିତ କଂଗ୍ରେସ ଜିଲା କାର୍ଯ୍ୟାଳୟରେ ବୁଧବାର ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ପ୍ରଦେଶ କଂଗ୍ରେସ ଉପସଭାପତି ବିଶ୍ୱରଞ୍ଜନ ଦାସ, ସାଧାରଣ ସମ୍ପାଦିକା ଅମିତା ବିଶ୍ୱାଳ, ମଞ୍ଜୁଶ୍ରୀ କଳ୍ପନା ରାଉତରାଏ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରର ଭାଜପା ଏବଂ ରାଜ୍ୟର ବିଜେଡି ସରକାରଙ୍କ ଉପରେ ବର୍ଷିଥିଲେ। ଉଭୟ ସରକାରଙ୍କ ବିଫଳତା ସମ୍ପର୍କରେ ଭୋଟରଙ୍କୁ ସଚେତନ କରାଯିବ। ବ୍ଲକ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନେତୃବୃନ୍ଦ ସଂକଳ୍ପ ନେଇଛନ୍ତି। ଉପସଭାପତି ରଞ୍ଜିତ ସାହୁ ଧନ୍ୟବାଦ ଦେଇଥିଲେ।



ଖବରଦାଦା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

## ସଂଗ୍ରାମୀଙ୍କ ସ୍ମୃତିଚାରଣ

କାମାକ୍ଷାନଗର, ୧୬।୮ (ସୁଧୀର ପରିଡ଼ା/ଅମ୍‌ଜାଦ ଖାନ୍)

କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ୍‌ରେ ମଙ୍ଗଳବାର ୭୭ତମ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ନିଜ ଉଦ୍‌ବୋଧନରେ ମୁଖ୍ୟ ଅତିଥି ସ୍ୱାଧୀନତା ଆନ୍ଦୋଳନ ଏବଂ ପ୍ରଜାମଣ୍ଡଳ ଆନ୍ଦୋଳନରେ ଜୀବନ ଉତ୍ସର୍ଗ କରିଥିବା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ।

ରିଜର୍ଭ ବାଟାଲିୟନ ହାବିଲଦାର ପ୍ରଦୀପ ଦେହୁରୀଙ୍କ ନେତୃତ୍ୱରେ ମିଳିତ ପରେଡରେ ୪୭ଟି ଦଳ ଅଂଶଗ୍ରହଣ କରିଥିଲେ। ପରେଡରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସାରଙ୍ଗଧର ହାଇସ୍କୁଲ, ଏନ୍‌ସିସି ଜୁନିୟର ବାଳିକା ଦଳ, ରଘୁନାଥଜୀଉ ହାଇସ୍କୁଲ ବାଳିକା ଦଳ, ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ଦଳକୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ, ବ୍ୟକ୍ତି, ଅନୁଷ୍ଠାନ ମଧ ପୁରସ୍କୃତ ହୋଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ କାମାକ୍ଷାନଗର–କଙ୍କଡ଼ାହାଡ଼ ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍ ଖେଳାଯାଇଥିଲା। ଏସ୍‌ଡିପିଓ ରଞ୍ଜନ ଦେଓ, ବିଡିଓ ବିକାଶ ମହାନ୍ତି, ସହକାରୀ ଜିଲାପାଳ ମଦନମୋହନ ଜେନା, ଦୀପକ ମିଶ୍ର, ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକଙ୍କ ସମେତ ବିଭିନ୍ନ ପଦାଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଜର ଦିଲୀପ ସାହୁ, ସେକେଣ୍ଡ୍ ଅଫିସର ଧ୍ରୁବଚରଣ ସୁନ୍ଦରାୟ, ଥାର୍ଡ ଅଫିସର ଦୁର୍ଯ୍ୟୋଧନ ସାହୁ, ଅଭିଷେକ ସାହୁ, ମନସ୍ୱିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।





ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

## ବାଜିଙ୍କ ବଳିଦାନ ଚିରସ୍ମରଣୀୟ

ଢେଙ୍କାନାଳ ଅଫିସ, ୧୬।୮ (ରତନ ନାୟାର)

ଢେଙ୍କାନାଳ ବୀର ମାଟି। ସ୍ୱାଧୀନତା ସଂଗ୍ରାମ, ପ୍ରଜା ମଣ୍ଡଳ ଆନ୍ଦୋଳନରେ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଦେଶ ପାଇଁ ଆଦର୍ଶ ହୋଇ ରହିଛି। ବିଶେଷ କରି ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ତ୍ୟାଗ, ବଳିଦାନ ଚିରସ୍ମରଣୀୟ। ପ୍ରସିଦ୍ଧ ଶୈବପୀଠ କପିଳାସ, ପ୍ରକୃତିର ବରଦାନ ସପ୍ତଶଯ୍ୟା, ଅନନ୍ତ ଶୟନ, ଡୋକ୍ରା ହସ୍ତଶିଳ୍ପ କାରୁକାର୍ଯ୍ୟ, ପ୍ରସିଦ୍ଧ ଲକ୍ଷ୍ମୀପୂଜା, ଭୁବନର ବଳଦ ଯାତ୍ରା, ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମ ପୀଠ ଯୋରନ୍ଦା ଜିଲାର କଳାସଂସ୍କୃତି, ପର୍ଯ୍ୟଟନକୁ ଋଦ୍ଧିମନ୍ତ କରିଛି ବୋଲି କହିଛନ୍ତି ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍। ଢେଙ୍କାନାଳ ଷ୍ଟାଡିୟମ୍‌ରେ ମଙ୍ଗଳବାର ଅନୁଷ୍ଠିତ ୭୭ତମ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ସେ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।



ଅତିଥିଙ୍କ ଗହଣରେ ଡିପିଏସ୍ ଏନ୍‌ସିସି ଜୁନିୟର ଡିଭିଜନ ବାଳିକା ଦଳ।

ନିଜ ଅଭିଭାଷଣରେ ମନ୍ତ୍ରୀ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ ଢେଙ୍କାନାଳରେ ହୋଇଛି। ଜିଲାରେ ୧୮,୦୦୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଗଠନ କରାଯାଇଛି। ମହିଳା ଗୋଷ୍ଠୀ ଉନ୍ନୟନ କାର୍ଯ୍ୟରେ ସାମିଲ ହୋଇ ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିପାରିଛନ୍ତି। ସପ୍ତଶଯ୍ୟା ପଞ୍ଚାୟତର କଳାକୃତି ଗ୍ରାମ ପରିଚାଳନା ପାଇଁ ୩ ଏସ୍‌ଏଚ୍‌ଜିକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦେଶ ପାଇଁ ଉଦାହରଣ। ଶିକ୍ଷା କ୍ଷେତ୍ରରେ ‘୫–ଟି’ ରୂପାନ୍ତରଣ ଅଭିନବ ପ୍ରୟାସ ବୋଲି ମନ୍ତ୍ରୀ କହିଥିଲେ।

ଚଳିତବର୍ଷ ମିଳିତ ପରେଡରେ ୪୦ଟି ଦଳ ଅଂଶଗ୍ରହଣ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ଟୁନୁ ସାହୁ ପରେଡ୍ ପରିଚାଳନା କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍) ଏନ୍‌ସିସି ଜୁନିୟର ଡିଭିଜନ ବାଳିକା ଦଳକୁ ଶ୍ରେଷ୍ଠ ସମର ଶିକ୍ଷାର୍ଥୀ ବାହିନୀ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ବାଳିକା ବର୍ଗରେ ସୁଲକ୍ଷଣା ଦେବୀ ବାଳିକା ହାଇସ୍କୁଲ ଏବଂ ବାଳକ ବର୍ଗରେ ଦିଲ୍ଲୀ ପବ୍ଲିକ ସ୍କୁଲ ଶ୍ରେଷ୍ଠ ସିଭିଲିଆନ ଦଳ ଭାବେ ପୁରସ୍କୃତ ହୋଇଥିଲେ। ସେଣ୍ଟ ଜାଭିୟର ହାଇସ୍କୁଲ ବାଳିକା ଗାଇଡ୍ସ ଟିମ୍‌କୁ ଶ୍ରେଷ୍ଠ ଗ୍ରୀନ ଆର୍ମି ଦଳ ଭାବେ ପୁରସ୍କୃତ କରାଯାଇଥିଲା। ଏଥିସହ ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର, ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରାଯାଇଥିଲା। ଏଥିପୂର୍ବରୁ ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍, ସନ୍ଧ୍ୟାରେ ଟାଉନ ହଲ୍‌ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଜିଲାପାଳ ସରୋଜ ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଆଠମଲ୍ଲିକ, ୧୬।୮ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଓକିଲ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ଏହି ଅବସରରେ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ଉପସଭାପତି ଉଗ୍ରସେନ ସେଠୀ, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖୀ ଓ କୋଷାଧ୍ୟକ୍ଷ ବିଶ୍ୱସୁନ୍ଦର ଶତପଥୀଙ୍କ ସମେତ ଆଇନଜୀବୀ ଯଜ୍ଞେଶ୍ୱର



ପ୍ରଧାନ, ଜିତେନ କୁମାର ମିଶ୍ର, ବାମନ କୁମାର ମିଶ୍ର, ସୁଧାଂଶୁ ଶତପଥୀ, ବିଦ୍ୟୁତ୍ ପାଣିଗ୍ରାହୀ, ଅର୍ଜ୍ଜୁନ ରାଉଳ, ଅନ୍ତର୍ଯ୍ୟାମୀ ରାଉଳ, ରାମଚନ୍ଦ୍ର କର୍ଣ୍ଣ, ଅଶୋକ ମହାପାତ୍ର, ନାରାୟଣ ଦାଶ, ସୁନୀଲ ପ୍ରଧାନ, ବିନାୟକ ଗୋଦୁକା, ଉମେଶ ଅଗ୍ରୱାଲ, ସୁଶାନ୍ତ ରାଉଳ, କୀର୍ତ୍ତିପାଳ ଦାଶ, ଅଲେଖ ଚନ୍ଦ୍ର କର୍ମୀ, ରଞ୍ଜନ ବେହେରା, ଅରବିନ୍ଦ ଜ୍ୟୋତିଷରାୟ, ଆର୍ଯ୍ୟବ୍ରତ ମହାନନ୍ଦିଆ, ଦିନେଶ କୁମାର ସିଂହ, ପୀତବାସ ସାହୁ, ଭବାନୀ ପ୍ରସାଦ ଜ୍ୟୋତିଷରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ରପ୍ତାନି କ୍ଷେତ୍ରରେ ଦେଶରେ ଅନୁଗୋଳର ସ୍ଥାନ ୧୯

### ଅନୁଗୋଳ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

**ଅନୁଗୋଳ, ୧୬।୮ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅନୁଗୋଳ ପୋଲିସ ଟ୍ରେନିଂ କଲେଜ ପଡିଆ ଠାରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟ ଶିଳ୍ପ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଏହି ଜାତୀୟ ଦିବସକୁ ସମସ୍ତଙ୍କ ପାଇଁ ସଂକଳ୍ପ ଦିବସ ବୋଲି ଅଭିହିତ କରିବା ସହ ସ୍ୱାଧୀନତା ସଂଗ୍ରାମ ଓ ଆଧୁନିକ ଓଡ଼ିଶା ଗଠନରେ ଅନୁଗୋଳ ମାଟିର ଜନସାଧାରଣ, ସଂଗ୍ରାମୀ ସ୍ୱର୍ଗତ ମାଳତୀ ଦେବୀ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ସୋମନାଥ ସିଂହ ଜଗଦ୍ଦେବ ଓ ପବିତ୍ର ମୋହନ ପ୍ରଧାନଙ୍କ ଅତୁଳନୀୟ ଭୂମିକା ଥିଲା ବୋଲି ପ୍ରକାଶ କରିଥିଲେ।

ମନ୍ତ୍ରୀ କହିଥିଲେ, ଅନୁଗୋଳ ହେଉଛି ସାରା ଓଡ଼ିଶାର କେନ୍ଦ୍ରବିନ୍ଦୁ। ଏପରି କି ଭାରତରେ ରପ୍ତାନି କ୍ଷେତ୍ରରେ ୨୫ ଗୋଟି ଜିଲ୍ଲା ମଧ୍ୟରୁ ୧୯ ନମ୍ବର ସ୍ଥାନରେ ଓଡ଼ିଶାର ଏକମାତ୍ର ଜିଲ୍ଲା ଭାବେ ଅନୁଗୋଳ ନିଜର ସ୍ୱତନ୍ତ୍ରତା ବଜାୟ ରଖିବା ଗର୍ବର ବିଷୟ।



ଅନୁଗୋଳ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମନ୍ତ୍ରୀ ପ୍ରତାପ ଦେବ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ବିଭିନ୍ନ କ୍ଷେତ୍ରରେ ମିଳିଥିବା ସଫଳତା ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୩ କୋଟି ଲୋକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। ମହିଳା ସଶକ୍ତୀକରଣ ଏବଂ ଗମନାଗମନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିପାରିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ମନ୍ତ୍ରୀ ପରେଡ ମାର୍ଚ୍ଚ ପାଷ୍ଟରେ ଅଂଶଗ୍ରହଣ କରିଥିବା ୩୯ ଗୋଟି ଦଳଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ପରେଡ ପରିଚାଳନାରେ ରିଜର୍ଭ ଇନ୍ସପେକ୍ଟର ହେମନ୍ତ କୁମାର ବିଲୁଙ୍ଗ ସହଯୋଗ କରିଥିଲେ।

ପରେ କୃତୀ ପ୍ରତିଯୋଗୀ, ଛାତ୍ରୀଛାତ୍ର ଓ ପରେଡ୍‌ରେ କୃତୀ ଦଳଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ଛେଣ୍ଡିପଦା ବ୍ଲକ କଣଲୋକ ପଞ୍ଚାୟତକୁ ଶ୍ରେଷ୍ଠ ଅମୃତ ସରୋବର ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଠାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପରିଦର୍ଶନ, ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହାପରେ ସେ ନାଲ୍‌କୋସ୍ଥିତ ଆଲୁମିନିୟମ ପାର୍କ ପରିଦର୍ଶନ କରିଥିଲେ। ସେହିପରି ଅନୁଗୋଳ ସଭାଘରଠାରେ ଜେଏସ୍‌ପିଏଲ୍ ସହାୟତାରେ ମାତୃ ମୃତ୍ୟୁହାର କମାଇବା ଲକ୍ଷ୍ୟରେ ଆୟୋଜିତ ସ୍ପର୍ଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଇକୋ ୱାଟର ମ୍ୟୁଜିକାଲ ଫାଉଣ୍ଟେନକୁ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରଜେଶ କୁମାର ରାଏ, ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରାଣିମୟଙ୍କ ସମେତ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ସହଯୋଗ କରିଥିଲେ।

# ରେଳ ୱାଗନରେ ପାଲ ଭିଡ଼ିବାକୁ ଦାବି

**ତାଳଚେର, ୧୬।୮ (ମନୋଜ ନନ୍ଦ)**

ରେଳ ୱାଗନ ଯୋଗେ କୋଇଲା ପରିବହନ ବେଳେ ପାଲ ଭିଡ଼ାଯିବା ନିୟମ ଥିଲେ ସୁଦ୍ଧା ତାଳଚେରରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଖୋଲା ୱାଗନରେ ଏହି ପରିବହନ ଫଳରେ କୋଇଲାଗୁଣ୍ଡ ଉଡ଼ି ତାଳଚେର ଅଞ୍ଚଳରେ ବ୍ୟାପକ ପ୍ରଦୂଷଣ ସୃଷ୍ଟି କରୁଛି। ତେଣୁ ଏହାକୁ ରୋକିବା ପାଇଁ ରେଳ ୱାଗନଗୁଡ଼ିକରେ ପାଲ ଭିଡ଼ାଯିବା ଜରୁରୀ ହୋଇପଡ଼ିଛି। ଏଥିସହ ସମସ୍ତ ୱାଗନରେ ପାଲ ଘୋଡ଼ାଗଲେ ପାଖାପାଖି ୨ ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ବେକାର ଯୁବକଙ୍କୁ ନିଯୁକ୍ତି ମିଳିପାରିବ। ଏଣୁ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ ସଂଘ ପକ୍ଷରୁ ବୁଧବାର ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ରାଜକିଶୋର ସାହୁ, ପ୍ରଭାତ କୁମାର ରଥ, ପ୍ରଦୀପ କୁମାର ମହାରଣା, ବିନୋଦ ଲାଲ, ହରେକୃଷ୍ଣ ମହାପାତ୍ର, ଶୋଭାଗିନୀ ଦାସ, ଗଗନ ବିହାରୀ ଦାସ, ସୁବାସ ଚନ୍ଦ୍ର ଗୋଛାୟତ, ପ୍ରତାପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ରାଷ୍ଟ୍ର ନିର୍ମାଣରେ ନିଜକୁ ସମର୍ପିତ କର

**ବଣ୍ଟାରପାଳ, ୧୬।୮ (ଉପେନ୍ଦ୍ର ରାଉତ)**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ)ର ସମସ୍ତ ୟୁନିଟ, କର୍ପୋରେଟ ଅଫିସ ଏବଂ ଆଞ୍ଚଳିକ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଏହି ଅବସରରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ଅନୁଗୋଳରେ ଅବସ୍ଥିତ କମ୍ପାନୀର ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସ ପରିଦର୍ଶନ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତାଙ୍କ ସହ ବରିଷ୍ଠ ଅଧିକାରୀ, ବିଭିନ୍ନ ୟୁନିୟନ ଏବଂ ଆସୋସିଏଶନ ପ୍ରତିନିଧି ତଥା ଆମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ। ସିଏମ୍‌ଡି ପାତ୍ର କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ, ଏହି 'ଅମୃତ ବେଳା'ରେ ରାଷ୍ଟ୍ର ନିର୍ମାଣରେ ନିଜକୁ ସମର୍ପିତ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। 'ବୀର'ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଡି (ଏସ ଆଣ୍ଡ ପି) ଏ.କେ. ସ୍ୱାଇଁ, ଏବଂ ୟୁନିଟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭୁବନେଶ୍ୱରର ନାଲ୍‌କୋ କର୍ପୋରେଟ ମୁଖ୍ୟାଳୟରେ ପୂର୍ବତନ ସିଏମ୍‌ଡି ଡ. ଏସ୍. କେ. ତାମୋଟିଆ ପତାକା ଉତ୍ତୋଳନ କରିଥିଲେ।



ଅନୁଗୋଳସ୍ଥିତ ନାଲ୍‌କୋ କମ୍ପାନୀର ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସ ପରିସରରେ ସିଏମ୍‌ଡି ପତାକା ଉତ୍ତୋଳନ କରୁଛନ୍ତି।

# ଅନୁଗୋଳରେ ହେବ ସର୍ବବୃହତ୍ ଇସ୍ପାତ କାରଖାନା

**ଅନୁଗୋଳ, ୧୬।୮ (ଅମିତ କୁମାର ସାମଲ)**

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ପକ୍ଷରୁ ଜିନ୍ଦଲନଗର ଟାଉନଶିପ୍‌ସ୍ଥିତ ଓପି ଜିନ୍ଦଲ ସ୍କୁଲ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜେଏସ୍‌ପି ପରିଚାଳନା ନିର୍ଦ୍ଦେଶକ ବିମଳେନ୍ଦ୍ର ଝା, ପ୍ଲାଣ୍ଟ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା, ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରିଥିଲେ।

ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ଝା ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ବାର୍ତ୍ତା ପଢ଼ି ଶୁଣାଇ ଥିଲେ ଏବଂ କମ୍ପାନୀର ଅଭିବୃଦ୍ଧି ଓ ରାଷ୍ଟ୍ରର




ଜେଏସ୍‌ପି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଅବସରରେ ଅଧିକାରୀମାନେ।

ପ୍ରଗତିରେ ସହାୟକ ହେବା ପାଇଁ ଆହ୍ୱାନ ଦେଇଥିଲେ। ଝା କହିଥିଲେ, ଜେଏସ୍‌ପିର କୋଲ୍ ଗ୍ୟାସିଫିକେଶନ ଟେକ୍ନୋଲୋଜିର ଉତ୍କର୍ଷ ବ୍ୟବହାର ଦାରା ଗୁଣାତ୍ମକ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଜେଏସ୍‌ପି ନୂତନ ଉଦାହରଣ ସୃଷ୍ଟି କରିଛି। ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦନରେ ଏହା ନୂତନ କୀର୍ତ୍ତିମାନ ସୃଷ୍ଟି କରିଛି। ବିଶ୍ୱର ସର୍ବ ବୃହତ୍ ଇସ୍ପାତ କାରଖାନା ଅନୁଗୋଳ ଠାରେ ସ୍ଥାପନ କରିବାକୁ ଯାଉଛୁ ଏବଂ ଏହା ସର୍ବନିମ୍ନ ଅଙ୍ଗାରକାମ୍ଳ ନିର୍ଗମନ ନିମନ୍ତେ ମଧ୍ୟ ପରିଚିତ ହେବ। ଚତୁଃପାର୍ଶ୍ୱରେ ବସବାସ କରୁଥିବା ସମସ୍ତ ଅଧିବାସୀଙ୍କ କଲ୍ୟାଣ ନିମନ୍ତେ ଯତ୍ନବାନ ଥିବାରୁ ଜେଏସ୍‌ପି ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ ସେ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ୧୫ଟି ପଞ୍ଚାୟତର ୧୧୧ ସ୍କୁଲ ଓ ୬୧ ଅଙ୍ଗନୱାଡି କେନ୍ଦ୍ରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏଥିସହ ବଡ ମହିତଲାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ, ଅନୁଗୋଳସ୍ଥିତ ଓପି ଜିନ୍ଦଲ କମ୍ୟୁନିଟି କଲେଜ ଏବଂ ଶ୍ରମିକ ବିହାର ଠାରେ ମଧ୍ୟ ସାଧୀନତା ଦିବସ ପାଳନ କରାଯାଇଥିଲା। ଓପି ଜିନ୍ଦଲ ସ୍କୁଲ ଅଧ୍ୟକ୍ଷା ସୋନାଲୀ ବସୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଚିର ସ୍ମରଣୀୟ

**ତାଳଚେର, ୧୬।୮ (ମନୋଜ ନନ୍ଦ), ଛେଣ୍ଡିପଦା (ଅଜିତ ଧଳ), ଆଠମଲ୍ଲିକ (ଉଦୀପ୍ତ ପୁରୋହିତ), ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ), ବଇଣ୍ଡା (ପରିକ୍ଷିତ ସାହୁ), କଣିହାଁ (ସଚ୍ଚିଦାନନ୍ଦ ପ୍ରଧାନ), ବଣ୍ଟାରପାଳ (ଉପେନ୍ଦ୍ର ରାଉତ)**

ତାଳଚେର ଉପଖଣ୍ଡ ସଦର ମହକୁମା ଠାରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତାଳଚେର କଲେଜ ପଡିଆଠାରେ ପୂର୍ବାହ୍ନ ୯ଟା ୧୫ରେ ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ ପତାକା ଉତ୍ତୋଳନ କରି ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଦେଶ ପାଇଁ ଜାତିର ପିତା ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, ବାଲ୍ ଗଙ୍ଗାଧର ତିଲକ ପ୍ରମୁଖ ସଂଗ୍ରାମୀଙ୍କ ବଳିଦାନ ଚିର ସ୍ମରଣୀୟ ହୋଇରହିଛି ବୋଲି ମତବ୍ୟକ୍ତ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ର, ତାଳଚେର ଓ କଣିହାଁ ବ୍ଲକର ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା, ଖେଳ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ସେହିପରି ଛେଣ୍ଡିପଦା ବ୍ଲକ ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ତ୍ରିବିକ୍ରମ କୁମରା, ତହସିଲଦାର ମାନସ ରାଏ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏସ. ନୈବେଦ୍ୟ ଲଲାଟେନ୍ଦୁ, ଜିଲ୍ଲାପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଶିମିଳିପାଳ ପଞ୍ଚାୟତ ଅମୃତ ସରୋବର ଠାରେ ସରପଞ୍ଚ ଗିରୀଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ସଂଗ୍ରାମୀ ଯୁଧିଷ୍ଠିର ପାଣିଗ୍ରାହୀଙ୍କ ଦାୟାଦ ପ୍ରାଧ୍ୟାପକ ବସନ୍ତ ପାଣିଗ୍ରାହୀ ଓ ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ଦାୟାଦ ପ୍ରମିଳା ସାହୁ ପତାକା ଉତ୍ତୋଳନ କରିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କୁ ସରପଞ୍ଚ ସମ୍ମାନିତ କରିଥିଲେ। ସେହିପରି ଆଠମଲ୍ଲିକ ପରେଡ ପଡିଆ ଠାରେ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସଂଗ୍ରାମୀ ଜୟାନନ୍ଦ ହୋତାଙ୍କ ଦାୟାଦ ଚିଦାନନ୍ଦ ହୋତା, ବିଶେଶ୍ୱର ମିଶ୍ରଙ୍କ ଦାୟାଦ ହର ପ୍ରସାଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍‌ଡିପିଓ ବାଳକୃଷ୍ଣ କୁଅଁର, ତହସିଲଦାର ଯଶୋବନ୍ତ ଦେହୁରୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ, ଲ୍ୟୁଟନାଣ୍ଟ ଶିବାଶିଷ ଦାସ, ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପାଲଲହଡ଼ା ଷ୍ଟାଡିୟମ ଠାରେ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପରେଡରେ ମୋଟ ୩୬ଟି ଦଳ ଭାଗ ନେଇଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ ଉତ୍କର୍ଷ ଲାଭ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କିଶୋରନଗର ବରପଡିଆଠାରେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ, ଉପାଧ୍ୟକ୍ଷ ଲବ ପ୍ରଧାନ, ବିଡିଓ ବିନୋଦ ବିହାରୀ ବେହେରା, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଆଇଆଇସି ଲବ ବୋଡ଼ା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କିଶୋରନଗର ଡିଗ୍ରୀ କଲେଜ, ଅଙ୍ଗପଡା କଲେଜ, ଅଙ୍ଗପଡା ପଞ୍ଚାୟତ, ବାମୁର ପଞ୍ଚାୟତ, ବଇଣ୍ଡା କଲେଜ, ନୁନୁକାପଶି ପଞ୍ଚାୟତ, ନେହରୁ କ୍ଲବ, ବଇଣ୍ଡା ବସ୍‌ଷ୍ଟାଣ୍ଡରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ସେହିପରି କଣିହାଁ ବ୍ଲକ ଗାନ୍ଧୀ ସ୍ମୃତି ପୀଠଠାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଡିଓ ଦେବଦତ୍ତ ପ୍ରଧାନ, ଉପାଧ୍ୟକ୍ଷ ଜୟନ୍ତୀ ପ୍ରଧାନ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ପବିତ୍ରନଗରଠାରେ ଆଞ୍ଚଳିକ ସ୍ୱାଧୀନତା ପାଳନ କମିଟି ତରଫରୁ ଆୟୋଜିତ ସମାରୋହରେ ଏମପି ମହେଶ ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ରେଙ୍ଗାଳିଠାରେ ଆଞ୍ଚଳିକ ସ୍ୱାଧୀନତା ଦିବସ ପାଳନ ସମିତି ତରଫରୁ ହୋଇଥିବା କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଯୋଗଦେଇ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଙ୍ଗାଳି ଜଳ ବିଦ୍ୟୁତ୍ ନିଗମ ପରିଚାଳକ ରଞ୍ଜନ ପରିଡା, ଜିଲ୍ଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବଣ୍ଟାରପାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ଲକ ଅଧ୍ୟକ୍ଷ ବିଜୟ ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ନାଲ୍‌କୋସ୍ଥିତ ନେପୁ କାର୍ଯ୍ୟାଳୟରେ ସାଧାରଣ ସମ୍ପାଦକ ବୈରାଗୀ ସେଠ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶ୍ରମିକ ନେତା ଶରତ ବେହେର ଓ ସର୍ବସିଦ୍ଧି ବାଗଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନେସ୍ କାର୍ଯ୍ୟାଳୟରେ ସଭାପତି ନିର୍ମଳ ସାମଲ ପତାକା ଉତ୍ତୋଳନ କରିଥିଲେ। ମନୋଜ ସ୍ୱାଇଁ, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନରେ ଅମୂଲ୍ୟ ମହାପାତ୍ର ପତାକ ଉତ୍ତୋଳନ କରିଥିଲେ। ସାଧାରଣ ସାମ୍ପାଦକ ବିଭବ ଜେନ ଉପସ୍ଥିତ ଥିଲେ। ଏନଏନଇୟୁ କାର୍ଯ୍ୟାଳୟରେ ବେଣୁଧର ସାହୁ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ରତ୍ନାକର ପରିଡା ଉପସ୍ଥତ ଥିଲେ। ନାଲ୍‌କୋ ଏସ୍‌ସି ଏସ୍‌ଟି ଆଶୋସିଏଶନରେ ସଭାପତି କେଦାର ନାଥ ପତାକା ଉତ୍ତୋଳନ କରିଥିଲେ। ନାଲ୍‌କୋ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ସଭାପତି ମନୋରଞ୍ଜନ ଜେନା ପତାକା ଉତ୍ତୋଳନ କରିଥିଲେ।



ତାଳଚେର ଉପଖଣ୍ଡ ସଦର ମହକୁମାରେ ଅତିଥି ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।



ଛେଣ୍ଡିପଦା ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।



ଆଠମଲ୍ଲିକ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସରେ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।



ପାଲଲହଡ଼ାଠାରେ ପତାକା ଉତ୍ତୋଳନ ପରେ ଅତିଥି ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।



କିଶୋରନଗର ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଅତିଥି ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।



କଣିହାଁ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ଏନ୍‌ଟିପିସିରେ ସ୍ୱାଧୀନତା ଦିବସ




ଏନ୍‌ଟିପିସି ନିର୍ବାହୀ ନିର୍ଦ୍ଦେଶକ ଏନ.ଏସ. ରାଓ ଅଭିଭାଷଣ ପ୍ରଦାନ କରୁଛନ୍ତି।

**କଣିହାଁ, ୧୬।୮ (ସଚ୍ଚିଦାନନ୍ଦ ପ୍ରଧାନ)**

ଏନ୍‌ଟିପିସି କଣିହାଁଠାରେ ମଙ୍ଗଳବାର ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କମ୍ପାନୀ ଇଡି ଏନ.ଏସ. ରାଓ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସିଆଇଏସଏଫ, ଟାଉନଶିପ୍ ସୁରକ୍ଷା ବାହିନୀ ଏବଂ ତିନି ବିଦ୍ୟାଳୟର ଛାତ୍ରୀଛାତ୍ର ପରେଡରେ ସାମିଲ ହୋଇଥିଲେ। ୨୦୨୨–୨୩ ଆର୍ଥିକ ବର୍ଷରେ ସମସ୍ତ ଏନ୍‌ଟିପିସି ଷ୍ଟେଶନ ମଧ୍ୟରେ କଣିହାଁ ପାୱାର ପ୍ଲାଣ୍ଟ ବାର୍ଷିକ ପ୍ଲାଣ୍ଟ ଲୋଡ ଫ୍ୟାକ୍ଟର୍ (ପିଏଲଏଫ) ଦୃଷ୍ଟିରୁ ୪ର୍ଥ ସ୍ଥାନ ହାସଲ କରିଥିବା ମୁଖ୍ୟଅତିଥି ରାଓ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ (ଓଆଣ୍ଡଏମ୍) ଅଶୋକ କୁମାର ସେହଗଲ, ଜିଏମ (ଏଡିଏମ) ସତ୍ୟରାମ କୃଷ୍ଣ, ଜିଏମ (ପ୍ରୋଜେକ୍ଟ) ଜିତେନ୍ଦ୍ର ପ୍ରସାଦ ରାୟ, ଜିଏମ୍ (ଇନ୍ଧନ ପରିଚାଳନା) ପ୍ରକାଶ କୁମାର, ଜିଏମ (ରକ୍ଷଣାବେକ୍ଷଣ) ଏ.ଜେ. ରାଜକୁମାର ଉପସ୍ଥିତ ଥିଲେ। କ୍ଲବର ସଭାନେତ୍ରୀ ରେନୁ ସେହଗଲ, ୟୁନିୟନ ଏବଂ ଆସୋସିଏଶନର ପ୍ରତିନିଧି ତଥା ତନଭି ସଙ୍ଗମ ଲେଡିଜ କ୍ଲବର ବରିଷ୍ଠ ସଦସ୍ୟାମାନେ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କର୍ମଚାରୀମାନଙ୍କୁ ହେଡ ଅଫ ପ୍ରୋଜେକ୍ଟ ମେରିଟ ଆୱାର୍ଡ ଏବଂ ପାୱାର୍ ଏକ୍ସେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

